# ଡିସେମ୍ବର ୨୭ରୁ ଧାନ କିଣା

## ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ

ଭଦ୍ରକ ଅଫିସ, ୧୮।୧୧

ଭଦ୍ରକ ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ସମ୍ମିଳନୀ କକ୍ଷରେ ଗୁରୁବାର ଜିଲାସ୍ତରୀୟ ଧାନ ସଂଗ୍ରହ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ତ୍ରିଲୋଚନ ମାଝି ଏଥିରେ ଅଧ୍ୟକ୍ଷତା କରିଥିଲେ। ଜିଲା ଯୋଜନା କମିଟି ଅଧ୍ୟକ୍ଷ ତଥା ଚାନ୍ଦବାଲି ବିଧାୟକ ଡ. ବ୍ୟୋମକେଶ ରାୟ, ଏମ୍‌ପିଙ୍କ ପ୍ରତିନିଧି ମୁକ୍ତିକାନ୍ତ ମଣ୍ଡଳ, ବିଧାୟକ ବିଷ୍ଣୁଚରଣ ସେଠୀ, ପ୍ରଫୁଲ୍ଲ ସାମଲ, ସଞ୍ଜୀବ ମଲ୍ଲିକ, ବିଷ୍ଣୁବ୍ରତ ରାଉତରାୟ, ଜିଲା ପରିଷଦ ଅଧ୍ୟକ୍ଷ ଦ୍ୱିଜବର ରାଉତ, ପ୍ରକଳ୍ପ ନିର୍ଦ୍ଦେଶକ ଇନ୍ଦ୍ରମଣି ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଜିଲା ଯୋଗାଣ ଅଧିକାରୀ ରଞ୍ଜନ କୁମାର ସେଠ୍ ଖରିଫ ୨୦୨୧-୨୨ ପାଇଁ ଧାନକିଣା ଯିବା ନେଇ ପ୍ରସ୍ତୁତି ଓ ନୀତି ନିୟମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ସୂଚନା ଅନୁଯାୟୀ, ଆସନ୍ତା ଡିସେମ୍ବର ୨୭ରୁ ଧାନକିଣା ଆରମ୍ଭ ହେବ। ପ୍ରଥମେ ଧାମନଗର ଓ ଭଦ୍ରକ ବ୍ଲକରେ ମଣ୍ଡି ଆରମ୍ଭ କରାଯାଇ ପର୍ଯ୍ୟାୟକ୍ରମେ ସମସ୍ତ ବ୍ଲକରେ ଖୋଲାଯିବ। ଚଳିତବର୍ଷ ପ୍ରାରମ୍ଭିକ ପର୍ଯ୍ୟାୟରେ ୨୧ଲକ୍ଷ ୮୫ ହଜାର ୨୯୪ କୁଇଣ୍ଟାଲ ଧାନ କ୍ରୟ ଲାଗି ଲକ୍ଷ୍ୟଧାର୍ଯ୍ୟ କରାଯାଇଛି।

୯୬ କେନ୍ଦ୍ରରେ ପ୍ୟାକ୍ସ ବା ସୋସାଇଟି ଦ୍ୱାରା ଏବଂ ୫୮ କେନ୍ଦ୍ରରେ ସ୍ୱୟଂସହାୟିକା ଗୋଷ୍ଠୀ ଦ୍ୱାରା ଧାନ କିଣାଯିବ। ଏହି ୧୫୪ କେନ୍ଦ୍ର ଦ୍ୱାରା ଜିଲାର ସମସ୍ତ ୨୧୮ ପଞ୍ଚାୟତକୁ ଅନ୍ତର୍ଭୁକ୍ତ କରାଯାଇଛି। ଏଫ୍‌ଏକ୍ୟୁ ମାନର ଧାନ କୁଇଣ୍ଟାଲ ପ୍ରତି ୧୯୪୦ ଟଙ୍କା ଧାର୍ଯ୍ୟ ହୋଇଛି। ଟୋକନ ପାଇବାର ୩୦ଦିନ ମଧ୍ୟରେ ଚାଷୀଙ୍କୁ ମଣ୍ଡିରେ ଧାନ ଦେବାକୁ ପଡ଼ିବ। ଧାନ ବିକ୍ରିର ୨୪ରୁ ୪୮ ଘଣ୍ଟା ମଧ୍ୟରେ ଅନ୍‌ଲାଇନରେ ଅର୍ଥ ପ୍ରଦାନ କରାଯିବ। ମଣ୍ଡିକୁ ଏଫ୍‌ଏକ୍ୟୁ ମାନର ଧାନ ଆଣିବା ପାଇଁ ଚାଷୀମାନଙ୍କୁ ପରାମର୍ଶ ଦିଆଯାଉଛି। ଚାଷୀ କମିଟି, ସରକାରୀ କର୍ମଚାରୀଙ୍କ ତତ୍ତ୍ୱାବଧାନରେ ଧାନର ମାନ ପରୀକ୍ଷା କରାଯାଇ କିଣାଯିବ। ଧାନକିଣାରେ ଅନିୟମିତତା ସମ୍ବନ୍ଧୀୟ ଧରପଗଡ଼ ପାଇଁ ଜିଲାସ୍ତରରେ ଅତିରିକ୍ତ ଜିଲାପାଳ, ଉପଖଣ୍ଡ ସ୍ତରରେ ଉପଜିଲାପାଳ, ବ୍ଲକ ସ୍ତରରେ ଆର୍‌ଆଇ, ଏମ୍‌ଆଇ, ବ୍ଲକ ପ୍ରକଳ୍ପ ସଂଯୋଜକ, ସମବାୟ ସମ୍ପ୍ରସାରଣ ଅଧିକାରୀମାନଙ୍କୁ ନେଇ ତହସିଲଦାରଙ୍କ ତତ୍ତ୍ୱାବଧାନରେ ସ୍କାଡ୍ ଗଠନ କରାଯିବାକୁ କୁହାଯାଇଛି।



ବୈଠକରେ ଜିଲାପାଳ ତ୍ରିଲୋଚନ ମାଝି, ବିଧାୟକ ଓ ଅନ୍ୟମାନେ।

## ସଂକ୍ଷେପରେ

### ହୃଦ୍‌ଘାତରେ ଚାଷୀଙ୍କ ଜୀବନ ଗଲା

ରୂପସା, ୧୮।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ବସ୍ତା ଥାନା ଅମର୍ଦ୍ଦାରୋଡ଼ ଫାଣ୍ଡି ଅଧୀନ ବେଲା ଗ୍ରାମର ଅଗ୍ରଣୀ ଚାଷୀ ପଦାରବିନ୍ଦ ସାହୁ(୬୨)ଗୁରୁବାର ହୃଦ୍‌ଘାତରେ ପ୍ରାଣ ହରାଇଛନ୍ତି। ସେ ସକାଳେ ଚାଲି ଚାଲି ଯାଉଥିବା ବେଳେ ହଠାତ୍ ଗାଁ ମୁଣ୍ଡରେ ଅସୁସ୍ଥ ଅନୁଭବ କରିଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଘରକୁ ନେଇଆସିଥିଲେ। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ବସ୍ତା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଭର୍ତ୍ତି କରାଇଥିଲେ। ହେଲେ ସେଠାରେ ଡାକ୍ତର ତାଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଆଧାତ୍ମିକବାଦୀ, ମିଷ୍ଟଭାଷୀ ଭାବେ ସେ ସମସ୍ତଙ୍କର ପ୍ରିୟଭାଜନ ଥିଲେ। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ସ୍ତ୍ରୀ, ପୁଅ, ପୁଅବୋହୂ, ଝିଅ ଜ୍ୱାଇଁ, ନାତିନାତୁଣୀ, ବନ୍ଧୁବାନ୍ଧବ ଓ ଗ୍ରାମବାସୀ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଏକ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଅନ୍ତେଷ୍ଟିକ୍ରିୟା ସମ୍ପନ୍ନ କରାଯାଇଥିଲା। ବଡ଼ପୁଅ ପ୍ରଶାନ୍ତ ମୁଖାଗ୍ନି ଦେଇଥିଲେ।

### ଦିବ୍ୟାଙ୍ଗ ଉପକରଣ ନିରୂପଣ ଶିବିର
### ନାମ ରେଜିଷ୍ଟ୍ରେଶନ କଲେ ୧୨୧

ସିମୁଳିଆ, ୧୮।୧୧(ଡି.ଏନ.ଏ.)-ଜିଲା ସାମାଜିକ ସୁରକ୍ଷା ବିଭାଗ ନିର୍ଦ୍ଦେଶରେ ସିମୁଳିଆ ପଞ୍ଚାୟତ ସମିତି ଦ୍ୱାରା ଜାମୁଝାଡ଼ିର ଦାମୋଦର ହାଇସ୍କୁଲ ପରିସରରେ 'ଦିବ୍ୟାଙ୍ଗ ଉପକରଣ ନିରୂପଣ ଶିବିର' ଅନୁଷ୍ଠିତ ହୋଇଥିଲା। ଏଥିରେ ୧୨୧ଜଣ ବିଦ୍ୟାଙ୍ଗ ନିଜର ନାମ ରେଜିଷ୍ଟ୍ରେଶନ କରିଥିଲେ। ଓଲଟପୁର ଏସ୍‌ଭିଏନ୍‌ଆଇଆରଟି ଏଆର ଦ୍ୱାରା ବିଭିନ୍ନ ବିଭାଗରେ ୮୮ଜଣଙ୍କୁ ଚୟନ କରାଯାଇଥିଲା। ଅନୁଷ୍ଠାନ ପକ୍ଷରୁ ଏହି ଦିବ୍ୟାଙ୍ଗମାନଙ୍କୁ ଉପକରଣ ଯୋଗାଇ ଦିଆଯିବ। ଡାକ୍ତର ଅଭିଷେକ ସାନିୟଲ, ଚିତ୍ତରଞ୍ଜନ ମିଶ୍ର, ଗୌରାଙ୍ଗ ପାତ୍ର ଓ ବିଶ୍ୱରଞ୍ଜନ ଜେନା ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଡିଓ ସୁଧୀର କୁମାର ସିଂ, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ସୁଚିସ୍ମିତା ନାୟକ, ମୃତ୍ୟୁଞ୍ଜୟ ନାୟକ ଓ ଶରତଚନ୍ଦ୍ର ବିଶ୍ୱାଳ ପ୍ରମୁଖ ସହଯୋଗୀ ଥିଲେ।

### ରାଧାକୃଷ୍ଣଙ୍କୁ ପୂଜାର୍ଚ୍ଚନା

ପାଟଣା, ୧୮।୧୧(ସ୍ୱ. ପ୍ର.): କେନ୍ଦୁଝର ଜିଲା ପାଟଣା ବ୍ଲକ ବଡ଼ପାଟଣା ପଞ୍ଚାୟତ ସ୍ୱାମଶାସନର ସୋମେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ଶ୍ରୀରାଧାକୃଷ୍ଣଙ୍କ ମୃଣ୍ମୟୀମୂର୍ତ୍ତି ପୂଜା ଅନୁଷ୍ଠିତ ହେଉଛି। ଏହି ପୂଜାରେ ପୂଜକ ଭାବେ ପ୍ରମୋଦ କୁମାର ଦାଶ, ଲୋକନାଥ ମିଶ୍ର ଓ ଗୌରଚନ୍ଦ୍ର ତ୍ରିପାଠୀ ଦେବନୀତି ସମ୍ପନ୍ନ କରିଥିବାବେଳେ କର୍ତ୍ତା ଭାବେ ଲଲାଟେନ୍ଦୁ ମିଶ୍ର ଯଜ୍ଞାନୁଷ୍ଠାନରେ ପୂର୍ଣ୍ଣାହୂତି ଦେଇଥିଲେ। ବଡ଼ ଏକାଦଶୀରୁ ଆରମ୍ଭ ହୋଇଥିବା ଏହି ପୂଜାର୍ଚ୍ଚନା ପୂର୍ଣ୍ଣମୀ ପର୍ଯ୍ୟନ୍ତ ଚାଲିବ। ଦେବନୀତିକୁ ରାହସ ପୂଜା କମିଟିର ଚିରଞ୍ଜୀବ ଦାଶ, ଆର୍ଯ୍ୟ ପ୍ରସାଦ ଦାଶ, ପ୍ରକାଶ ଦାଶ, ଭବତୋଷ ଶତପଥୀ, ଶକ୍ତି ଶେଖର କର, ସୌମ୍ୟ ରଞ୍ଜନ ଦାଶ, ତପନ କୁମାର କର, ସିଦ୍ଧାର୍ଥ କୁମାର ଦାଶ, ସମିରି ଦାଶ, ଗିରିଜା ରଞ୍ଜନ ମିଶ୍ର ଓ ଗ୍ରାମର ସମସ୍ତ ଯୁବକଙ୍କ ସହଯୋଗରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି।

## କାର୍ତ୍ତିକ ପୂର୍ଣ୍ଣିମା, ବୋଇତ ବନ୍ଦାଣ ପାଇଁ କଟକଣା

### ପ୍ରମୁଖ ଶିବ ମନ୍ଦିରରେ ୧୪୪ ଜାରି

ଭଦ୍ରକ ଅଫିସ, ୧୮।୧୧

କାର୍ତ୍ତିକ ପୂର୍ଣ୍ଣିମା ଓ ବୋଇତ ବନ୍ଦାଣ ଉତ୍ସବ ପାଇଁ ଶୁକ୍ରବାର ବିଭିନ୍ନ ନଦୀଘାଟ ଓ ଶିବ ମନ୍ଦିରରେ ପୂଜାର୍ଚ୍ଚନା ଲାଗି ଭିଡ଼ ଜମିବାର ସମ୍ଭାବନା ରହିଛି। ଏହାକୁ ଦୃଷ୍ଟିରେ ରଖି ଭଦ୍ରକ ଉପଜିଲାପାଳ ତଥା ଉପଖଣ୍ଡ ମାଜିଷ୍ଟ୍ରେଟ୍ ମନୋଜ କୁମାର ପାତ୍ରଙ୍କ ଦ୍ୱାରା ଜିଲାର ପ୍ରମୁଖ ଶିବ ମନ୍ଦିର ବେଢ଼ାରେ ୧୪୪ ଧାରା ଜାରି କରାଯାଇଛି। ଏହି କଟକଣା ଗୁରୁବାର ପୂର୍ବାହ୍ନରୁ ଜାରି ହୋଇଥିବା ବେଳେ ଶୁକ୍ରବାର ରାତି ୮ଟା ପର୍ଯ୍ୟନ୍ତ ବଳବତ୍ତର ରହିବ। ଜଣେ ମାତ୍ର ସେବାୟତ ମନ୍ଦିରରେ ନୀତିକାନ୍ତି କରିବେ। କୌଣସି ଶ୍ରଦ୍ଧାଳୁଙ୍କୁ ପ୍ରବେଶ ପାଇଁ ଅନୁମତି ଦିଆଯିବ ନାହିଁ। ଜିଲାର ସମସ୍ତ ପ୍ରସିଦ୍ଧ ମନ୍ଦିର ଓ ଘାଟରେ କାର୍ତ୍ତିକ ପୂର୍ଣ୍ଣିମା ପାଳନ କିମ୍ବା ବୋଇତ ବନ୍ଦାଣ ହୋଇପାରିବ ନାହିଁ। ମନ୍ଦିରରେ ସାଧାରଣ ଦର୍ଶନ ମନା। ଡାକବାଜି ଯନ୍ତ୍ରର ବ୍ୟବହାର ହେବ ନାହିଁ। କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅନୁମତି ଦିଆଯିବ ନାହିଁ ବୋଲି ଉଲ୍ଲେଖ ରହିଛି।

# ବର୍ଷ ଶେଷ ସୁଦ୍ଧା ସବୁ ଏସ୍‌ଏଚ୍‌ଜିକୁ ମିଳିବ ଋଣ



ମେଳାରେ ଋଣ ପାଇଥିବା ବିଭିନ୍ନ ଏସ୍‌ଏଚ୍‌ଜିର ମହିଳା।

## ଜିଲାସ୍ତରୀୟ ମେଗା ସମନ୍ୱୟ ମେଳା

ବାରିପଦା ଅଫିସ,୧୮।୧୧

ମିଶନ ଶକ୍ତିର ଅଭିବୃଦ୍ଧି ଓ ସଶକ୍ତୀକରଣ ଉଦ୍ଦେଶ୍ୟରେ ଜିଲା ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ସଂସ୍ଥା ଆନୁକୂଲ୍ୟରେ ଶହୀଦ ସ୍ମୃତି ଭବନଠାରେ ଏକ ଜିଲାସ୍ତରୀୟ ମେଗା ସମନ୍ୱୟ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିନୀତ ଭରଦ୍ୱାଜ ଅଧ୍ୟକ୍ଷତା କରିଥିବା ବେଳେ ପିଡି ଡିଆର୍‌ଡିଏ ପି.ଅନ୍ୱେଷା ରେଡ୍ଡି, ବ୍ୟାଙ୍କ ଅଫ୍ ଇଣ୍ଡିଆର ଏଲଡିଏମ୍ ଦୁଲାରାମ ମାଝୀ, ଷ୍ଟେଟ ବ୍ୟାଙ୍କ ଅଫ୍ ଇଣ୍ଡିଆର ଫାଇନାନ୍ସ ମ୍ୟାନେଜର ଚକ୍ରଧର ନାଏକ, ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କର ରିଜିଓନାଲ ମ୍ୟାନେଜର ନୀଳମଣି ମଣ୍ଡଳ, କୃଷି ବିଜ୍ଞାନ କେନ୍ଦ୍ର(୧) ଶାମାଖୁଣ୍ଟାର ବରିଷ୍ଠ ବୈଜ୍ଞାନିକ ସଂଘମିତ୍ରା ପଟ୍ଟନାୟକ, ଜିଲା କୃଷି ଅଧିକାରୀ, ଜିଲା ଶିଶୁ ମଙ୍ଗଳ ଅଧିକାରିଣୀ କୁସୁମବାଳା ମିଶ୍ର, ଉଦ୍ୟାନ କୃଷିର ଉପନିର୍ଦ୍ଦେଶକ ପ୍ରମୁଖ ଉପସ୍ଥିତ ରହି ମିଶନଶକ୍ତି ଜରିଆରେ ମହିଳାମାନଙ୍କୁ ସଶକ୍ତୀକରଣ କରିବା ଦିଗରେ ପ୍ରଶାସନ ପକ୍ଷରୁ ନିଆଯାଉଥିବା ପଦକ୍ଷେପଗୁଡ଼ିକ ସମ୍ପର୍କରେ ଆଲୋଚନା କରିଥିଲେ। ଆଗାମୀ ଡିସେମ୍ବର ସୁଦ୍ଧା ସମସ୍ତ ଏସଏଚ୍‌ଜିକୁ ଋଣ ଯୋଗାଇ ଦିଆଯିବ ବୋଲି ବ୍ୟାଙ୍କ କର୍ତ୍ତୃପକ୍ଷ ଘୋଷଣା କରିଥିଲେ। ମେଳାରେ ୨୬ଟି ବ୍ଲକ ଅଞ୍ଚଳରୁ ମହିଳାମାନେ ଯୋଗଦେଇଥିବା ବେଳେ ସେଥି ମଧ୍ୟରୁ ୪ଶହ ଜଣଙ୍କୁ ୧୩କୋଟି ଟଙ୍କାର ଋଣ ମଞ୍ଜୁର କରାଯାଇଛି। ଜିଲାରେ ୧୯ହଜାର ୪୫୧ଟି ଏସ୍‌ଏଚ୍‌ଜି ଗ୍ରୁପର ମହିଳାମାନଙ୍କୁ ଆତ୍ମନିଯୁକ୍ତି ଯୋଜନାରେ ଋଣ ଯୋଗାଇ ଦେବାର ଲକ୍ଷ୍ୟ ଧାର୍ଯ୍ୟ ରହିଥିବା ବେଳେ ଅଦ୍ୟାବଧି ୧୬ହଜାରରୁ ଊର୍ଦ୍ଧ୍ୱ ମହିଳାମାନଙ୍କୁ ବିଭିନ୍ନ ବ୍ୟାଙ୍କ ମାଧ୍ୟମରେ ୬୦କୋଟି ୫୦ଲକ୍ଷ ଟଙ୍କା ଋଣ ଯୋଗାଇ ଦିଆଯାଇଛି। ଓଏଲ୍‌ଏମର ଡିପିଏମ୍ ଅଜୟ ନାୟକ ଅତିଥିମାନଙ୍କୁ ସ୍ୱାଗତ ଜଣାଇବା ସହିତ କାର୍ଯ୍ୟକ୍ରମ ପରିଚାଳନା କରି ଧନ୍ୟବାଦ ଅର୍ପଣ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଜିଲା ବିଜେଡିର କୃତଜ୍ଞତା

### ମୁକ୍ତା ଯୋଜନାରେ କେନ୍ଦୁଝର ପୌରାଞ୍ଚଳର ୯୧ ପ୍ରକଳ୍ପକୁ ଅନୁମୋଦନ

କେନ୍ଦୁଝର, ୧୮।୧୧
(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ପୌରପାଳିକାର ୱାର୍ଡସ୍ତରୀୟ ଭିତ୍ତିଭୂମୀ ବିକାଶ ନିମନ୍ତେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ୯୧ଟି ପ୍ରକଳ୍ପ ପାଇଁ ୧୦ କୋଟି ୧୧ ଲକ୍ଷ ଟଙ୍କା ଅନୁମୋଦନ କରିଛନ୍ତି। ଏନେଇ ଜିଲା ବିଜେଡି ପକ୍ଷରୁ ଗୁରୁବାର ଅପରାହ୍ନରେ ଏକ ଖବରଦାତା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରାଯାଇଛି । କରୋନା ସମୟରେ କେନ୍ଦୁଝରଗଡ଼ ପୌରପାଳିକା ବିଶେଷ ଭାବେ ପ୍ରଭାବିତ ହୋଇଛି। ଜନସାଧାରଣଙ୍କ ଜୀବନଜୀବିକା, ଜୀବିକା ଉପାର୍ଜନର ସୁଯୋଗ ସୃଷ୍ଟି, ପୌରାଞ୍ଚଳ ଭିତ୍ତିଭୂମୀ ବିକାଶ ନିମନ୍ତେ ଏକାଧିକ ଜନକଲ୍ୟାଣକାରୀ ପ୍ରକଳ୍ପ ଯଥା ମିନି ପାର୍କ, ଜିମ୍, ରାସ୍ତା, ଡ୍ରେନ ନିର୍ମାଣ ଆଦି ଏହି ପ୍ରକଳ୍ପ ମଧ୍ୟରେ ରହିଛି। ଆୟୋଜିତ ଖବରଦାତା ସମ୍ମିଳନୀରେ ବିଜେଡି ଜିଲା ସଭାପତି ମାଧବ ସର୍ଦ୍ଦାର ଅଧ୍ୟକ୍ଷତା କରିଥିବାବେଳେ ଜିଲା ପରିଷଦ ଅଧ୍ୟକ୍ଷା କମଳିନୀ ପାତ୍ର, ପୂର୍ବତନ ଜିଲା ସଭାପତି ଆଶିଷ ଚକ୍ରବର୍ତ୍ତୀ, ରାଜ୍ୟ ଯୁବ ବିଜେଡି ଉପସଭାପତି ସୌମ୍ୟଶଙ୍କର ଚକ୍ରଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ବିଜେଡି ଏସ୍‌ସି ସେଲ ଜିଲା ସଭାପତି ଭରତ ଚନ୍ଦ୍ର ପାତ୍ର, ବିଜେଡି ନେତ୍ରୀ ମିନା ମାଝୀ, ନଗର ସଭାପତି ପୂର୍ଣ୍ଣଚନ୍ଦ୍ର ସାହୁ , ବିଜେଡି ନେତା ଦେବୁ ପଟ୍ଟନାୟକ, ଜଗଦୀଶ ଆପଟ୍ଟ, ଜିଲା ପରିଷଦ ସଦସ୍ୟ ରଥ ମୁଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## କାର୍ତ୍ତିକେଶ୍ୱର ପୂଜା



ବନ୍ତ,୧୮।୧୧(ସ୍ୱ.ପ୍ର.)

ଭଦ୍ରକ ଜିଲା ବନ୍ତ ବ୍ଲକ ଆଡ଼ିଆ ସ୍ଥିତ କଳାପାହାଡ଼ ଛକରେ କୋଭିଡ୍ କଟକଣା ମଧ୍ୟରେ କାର୍ତ୍ତିକେଶ୍ୱର ପୂଜା ପାଳନ କରାଯାଉଛି। ଗତ ମଙ୍ଗଳବାର ପୂର୍ବାହ୍ନରେ ନିକଟସ୍ଥ ରଥ ପୋଖରୀରୁ ଘଟୋତ୍ତଳନ କରାଯାଇ ରୀତିନୀତି ଅନୁଯାୟୀ ପୂଜା ଆରମ୍ଭ ହୋଇଥିଲା। ସୁବୋଧ ପାତ୍ର, ବାପି ରାଉତ ଓ ଦିଗମ୍ବର ରାଉତ କଳସ ଆଣିଥିଲେ। କୃଷ୍ଣଚନ୍ଦ୍ର ବାରିକ, ରତ୍ନାକର ବାରିକ, ଶରତ ରାଉତ, ତପନ ଜେନା, ରାଜେନ୍ଦ୍ର ଦାସ, ଭରତ ବାରିକ, ନିଲୁ ରାଉତ, ଭୋଳାନାଥ ବାରିକ, ବାଇଧର ବାରିକ ପ୍ରମୁଖ ପୂଜା କାର୍ଯ୍ୟରେ ସହଯୋଗ କରିଛନ୍ତି।

# ୱାର୍ଡ ସଂରକ୍ଷଣ ତାଲିକା ପରିବର୍ତ୍ତନ ଦାବିରେ ଧାରଣା




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରତ ୱାର୍ଡବାସୀ।

ବାରିପଦା ଅଫିସ,୧୮।୧୧

ମୟୂରଭଞ୍ଜ ଜିଲା ବାରିପଦା ପୌର ପରିଷଦ ଅଧୀନରେ ଥିବା ୨୭ନଂ. ୱାର୍ଡରେ ନିର୍ବାଚନ ପାଇଁ ପ୍ରସ୍ତୁତ ସଂରକ୍ଷଣ ତାଲିକା ପରିବର୍ତ୍ତନ ଦାବିରେ ଗୁରୁବାର ୱାର୍ଡବାସୀ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ଧାରଣା ଦେଇଥିଲେ। ଶତାଧିକ ମହିଳା ପୁରୁଷ ଏକ ରାଲିରେ ଆସି ଧାରଣା ଦେବା ସହ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ପୌର ପରିଷଦର ହେମଚନ୍ଦ୍ରପୁର, ମହାରାଜପୁର, ତକତପୁର ଓ ଦେବେନ୍ଦ୍ରପୁର ମୌଜାକୁ ନେଇ ଏହି ୱାର୍ଡଟି ଗଠିତ ହୋଇଛି। ଏଠାରେ ସାନ୍ତାଳ,ହୋ, ମୁଣ୍ଡା ଓ ଭୂମିଜ ସମ୍ପ୍ରଦାୟର ଶତକଡ଼ା ୭୦ଭାଗ ଲୋକ ବସବାସ କରୁଛନ୍ତି। ଦୀର୍ଘ ବର୍ଷ ହେଲା ଉକ୍ତ ୱାର୍ଡଟି ତଫସିଲଭୁକ୍ତ ଜାତିଙ୍କ ପାଇଁ ସଂରକ୍ଷିତ ରହୁଥିବାରୁ ଜନଜାତିର ଲୋକମାନେ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବାରୁ ବଞ୍ଚିତ ରହୁଛନ୍ତି। ଫଳରେ ଜନଜାତି ସମ୍ପ୍ରଦାୟର ଲୋକଙ୍କ ବିଭିନ୍ନ ସମସ୍ୟାର ସମାଧାନ ହେଉନାହିଁ। ଏହାକୁ ନେଇ ଅଞ୍ଚଳର ରବୀନ୍ଦ୍ର ହେମ୍ବ୍ରମ, ଲକ୍ଷ୍ମଣ ମାରାଣ୍ଡି, ବିନୋଦ ବେହେରା, ବୁଧୁରାମ ପୂର୍ତ୍ତି, ବିମଲ ହେମ୍ବ୍ରମଙ୍କ ନେତୃତ୍ୱରେ ୱାର୍ଡବାସୀ ଜିଲାପାଳଙ୍କଠାରେ ଦାବି ଉପସ୍ଥାପନା କରିଛନ୍ତି ।

## ଭତ୍ତା ବାଣ୍ଟିଲେ ବିଧାୟକ

ବାଲେଶ୍ୱର ଅଫିସ, ୧୮।୧୧

ବାଲେଶ୍ୱର ମ୍ୟୁନିସିପାଲିଟି କାଉନସିଲ ହଲ୍‌ରେ ସହରର ବିଭିନ୍ନ ୱାର୍ଡ଼ର ଲୋକଙ୍କୁ ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ଭତ୍ତା ବଣ୍ଟନ କରିଛନ୍ତି। ବାଲେଶ୍ୱର ଉପଜିଲାପାଳ ତଥା ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ଆଶିଷ ଈଶ୍ୱର ପାଟିଲ ଏବଂ ମ୍ୟୁନିସିପାଲିଟିର ଅଧିକାରୀ ବୃନ୍ଦ ଉପସ୍ଥିତ ରହି ଭତ୍ତା ବଣ୍ଟନ କରିଥିଲେ। ମୋଟ ୨୬୨ଟି ଭତ୍ତା ବଣ୍ଟନ ହେବାକୁ ଥିବା ବେଳେ ଗୁରୁବାର ମୋଟ ୩୧ ଭତ୍ତା ବଣ୍ଟନ କରାଯାଇଛି। ଏଥିସହ ଦରଦାମ୍ ବୃଦ୍ଧିକୁ ଆଖି ଆଗରେ ରଖି ଭତ୍ତା ଟଙ୍କା ବୃଦ୍ଧି ପାଇଁ ଲୋକଙ୍କ ନିବେଦନ ପରେ ବିଧାୟକ ଦାସ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦୃଷ୍ଟିଆକର୍ଷଣ କରିବେ ବୋଲି ଜଣାଇଥିଲେ। କାର୍ଯ୍ୟକ୍ରମରେ ପୂର୍ବତନ ପୌର ଉପନଗରପାଳ ମନୋଜ ରାଉତ, ପୂର୍ବତନ କାଉନସିଲର ଶେଖ ସାକିର, ଶେଖ ରାଜୁ, ବିଶ୍ୱଜିତ ମହାପାତ୍ର ଓ କୈଳାସ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ନିଯୁକ୍ତିଭିତ୍ତିକ ପରାମର୍ଶ ଶିବିର, ୧୮୦ ପଞ୍ଜୀକୃତ

**ଖଇରା, ୧୮।୧୧(ଡି.ଏନ.ଏ.):** ଓର୍‌ମାସ ପକ୍ଷରୁ ଦୀନଦୟାଲ ଉପାଧ୍ୟାୟ ଗ୍ରାମୀଣ କୌଶଳ ଯୋଜନା ଅଧୀନ ବ୍ଲକସ୍ତରୀୟ ନିଯୁକ୍ତି ଭିତ୍ତିକ ପରାମର୍ଶ ଶିବିର ବ୍ଲକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ବ୍ଲକ ଅଧ୍ୟକ୍ଷା ଅଭିଲିପ୍ସା ସାହୁ ଏହାକୁ ଉଦ୍‌ଘାଟନ କରିଥିଲେ। ଉକ୍ତ ଯୋଜନାର ଜିଲା ଦକ୍ଷତା ବିକାଶ ସଂଯୋଜକ ଆଲିନବନ୍ଧୁ ରାଉତରାୟ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ। ବ୍ଲକ ହିସାବରକ୍ଷକ ମାଧବାନନ୍ଦ ଦାସ ଏଥିରେ ସଭାପତିତ୍ୱ କରିଥିଲେ। ୩୭ ପଞ୍ଚାୟତରୁ ମୋଟ ୧୮୦ଜଣ ଯୁବତୀଯୁବକ ନିଯୁକ୍ତି ପାଇଁ ଆବେଦନ କରିଥିବା ବେଳେ ସଫିଂମଲ୍, ସିଲେଇ, ଇଲେକ୍ଟ୍ରିସିଆନ, ହୋଟେଲ, ହେଲ୍‌ଥକେୟାର ଆଦିରେ ନିଯୁକ୍ତି ଦେବାକୁ ତାଲିମ ପାଇଁ ୮୫ଜଣଙ୍କୁ ମନୋନୀତ କରାଯାଇଥିଲା । ଓଡିଶା ଜୀବିକା ମିଶନର ବ୍ଲକ ପରିଚାଳକ ନିହାରରଞ୍ଜନ ଜେନା, ସଂଯୋଜକ ଆର୍ତ୍ତବନ୍ଧୁ ଦାସ ଅତିଥି ଭାବେ ଯୋଗ ଦେଇଥିଲେ। ଏମ୍‌ବିକେ, କୃଷିମିତ୍ର, ପ୍ରାଣୀମିତ୍ରମାନେ ସହଯୋଗ କରିଥିଲେ।

## ଶିବିର ନାମରେ ପ୍ରହସନ

ପ୍ରତ୍ୟେକବର୍ଷ ଏଭଳି ନିଯୁକ୍ତି କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲେ ହେଁ ଏହାର ସଫଳତା ନେଇ ବହୁ ଲୋକପ୍ରତିନିଧି ପ୍ରଶ୍ନ ଉଠାଇଛନ୍ତି। କୋଭିଡ୍ ସମୟରେ ବାହାରେ ଚାକିରି କରୁଥିବା ହଜାର ହଜାର ଯୁବକ ଏବେ ଘରକୁ ପଳାଇ ଆସିଥିବା ବେଳେ ସେମାନେ କର୍ମନିଯୁକ୍ତି ପାଇଁ ଚାତକ ଭଳି ଚାହିଁ ରହିଛନ୍ତି । ହେଲେ ସୂଚନା ଅଭାବରୁ ହଜାରେ ବଦଳରେ ସଂଖ୍ୟା ଶହେରେ ସୀମିତ ରହିଲା। ଏହି ଯୋଜନା କେବଳ ଏକ ପ୍ରହସନ ବୋଲି ଝିଙ୍କିରିଆ ପଞ୍ଚାୟତ ସମିତିସଭ୍ୟ କୈଳାସ ମାଝି କହିଛନ୍ତି। ସୂଚନା ଅଭାବରୁ ବହୁ ବେକାର ଯୁବତୀ ଏଥିରେ ଯୋଗଦେଇ ପାରି ନ ଥିବା ଅନ୍ୟତମ ଆଶାୟୀ ଶଶିକାନ୍ତ ଶନିବିଗ୍ରହ କହିଛନ୍ତି। ଏ ସମ୍ପର୍କରେ ଦକ୍ଷତା ବିକାଶ ସଂଯୋଜକଙ୍କୁ ପଚାରିବାରେ ଯେଉଁମାନେ ଅନଲାଇନ ଆବେଦନ କରିଥିଲେ ସେମାନଙ୍କୁ ଶିବିରକୁ ଡକାଯାଇଥିଲା ବୋଲି କହିଛନ୍ତି।

# ଓଭରବ୍ରିଜ ମରାମତି ଦାବିରେ ଗଣଧାରଣା

ବାଲେଶ୍ୱର ଅଫିସ, ୧୮।୧୧




ଓଭରବ୍ରିଜ୍ ମରାମତି ଦାବିରେ ଗଣଧାରଣା ଦିଆଯାଇଛି।

ବାଲେଶ୍ୱରର ଜୀବନରେଖା କୁହାଯାଉଥିବା ଓଡ଼ିଶାର ପ୍ରଥମ ଫ୍ଲାଏଓଭର ମରାମତି ଦାବିରେ ଗୁରୁବାର ଫକୀରମୋହନ ଗୋଲେଇ ନିକଟସ୍ଥ ରାସ୍ତାପାର୍ଶ୍ୱରେ ସିଭିଲ୍ ସୋସାଇଟି ଆହ୍ୱାନରେ ବହୁ ସାମାଜିକ ଓ ଗଣସଙ୍ଗଠନ, ବିଭିନ୍ନ ରାଜନୈତିକ ଦଳ ନେତା ଓ ବୁଦ୍ଧିଜୀବୀମାନେ ଗଣଧାରଣାରେ ବସିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ତଥା ବିଭିନ୍ନ ସାମାଜିକ ସଙ୍ଗଠନର କର୍ମକର୍ତ୍ତା ବୈଦ୍ୟନାଥ ଷଡ଼ଙ୍ଗୀ ଧାରଣା ଆରମ୍ଭ କରିଥିଲେ। ସୋସାଇଟି ସଭାପତି ଅନ୍ତର୍ଯ୍ୟାମୀ ପ୍ରଧାନ ଅଧ୍ୟକ୍ଷତା କରିଥିଲେ। ସମ୍ପାଦକ ମନୋଜ ନାୟକ ପୋଲର ସୁରକ୍ଷା ପାଇଁ ୨୦୧୨ରୁ ସିଭିଲ୍ ସୋସାଇଟି ଦାବି କରିଆସୁଥିବା ସୂଚନା ଦେଇଥିଲେ। ରାଜ୍ୟ ସରକାରଙ୍କ ପକ୍ଷରୁ ଓଭରବ୍ରିଜ୍‌ର ମରାମତି ପାଇଁ ମଞ୍ଜୁର ହୋଇଥିବା ପ୍ରାୟ ୯କୋଟି ଟଙ୍କାକୁ ଠିକ୍ ଭାବେ ବିନିଯୋଗ କରାଯାଉ ନ ଥିବା ବକ୍ତାମାନେ ଅଭିଯୋଗ କରିଥିଲେ। ବ୍ରିଜ୍ ନିମ୍ନଭାଗରେ ମରାମତି କାମ କରା ନ ଯାଇ କେବଳ ଉପରିଭାଗରେ ଲୋକଦେଖାଣିଆ ମରାମତି କରାଯାଉଛି। ରେଳଲାଇନ୍ ପୂର୍ବପଟେ ବ୍ରିଜ୍ ତଳେ ଥିବା ବ୍ୟବସାୟୀମାନଙ୍କୁ ଉଚ୍ଛେଦ ନ କଲେ ଠିକ୍ ମରାମତି କାର୍ଯ୍ୟ ହୋଇପାରିବ ନାହିଁ ବୋଲି ବିଭାଗୀୟ ଇଞ୍ଜିନିୟର ଓ ଠିକାଦାର ସଂସ୍ଥା କାର୍ଯ୍ୟ ଆରମ୍ଭ ପୂର୍ବରୁ ଲିଖିତ ଭାବେ ଜଣାଇଥିଲେ। ଏଥିପାଇଁ ହାଇକୋର୍ଟରେ ମଧ୍ୟ କେତେକ ମକଦ୍ଦମା ଦାଖଲ କରାଯାଇଥିଲା। ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ବ୍ୟବସାୟୀମାନଙ୍କର ବ୍ରିଜ୍‌ତଳେ ଥିବା ଦୋକାନଗୃହଗୁଡ଼ିକ ଉଚ୍ଛେଦ ପାଇଁ ଆଦେଶ ଦେଇଥିଲେ। ଅଦାଲତ ଆଦେଶକୁ ମାନିନେଇ ବହୁ ବ୍ୟବସାୟୀ ସେମାନଙ୍କ ବ୍ୟବସାୟ ବନ୍ଦ କରିଦେଇଥିଲେ ମଧ୍ୟ ମରାମତି କାର୍ଯ୍ୟ ଆରମ୍ଭ ହୋଇନାହିଁ। ଚଳିତମାସ ଶେଷ ସୁଦ୍ଧା ବେଆଇନ ନିର୍ମାଣଗୁଡ଼ିକ ଉଚ୍ଛେଦ କରି ବ୍ରିଜ୍‌ର ତଳଭାଗ କାର୍ଯ୍ୟ ଆରମ୍ଭ ନ ହେଲେ ସିଭିଲ୍ ସୋସାଇଟି ପକ୍ଷରୁ ବ୍ରିଜ୍ ଉପରେ ଯାତାୟାତକୁ ଅବରୋଧ କରାଯିବ ବୋଲି ଚେତାବନୀ ଦିଆଯାଇଛି। ସିଭିଲ୍ ସୋସାଇଟି ଓ ବିଭିନ୍ନ ସଙ୍ଗଠନ ପକ୍ଷରୁ ଲକ୍ଷ୍ମୀଧର ବେହେରା, ଗୌରାଙ୍ଗ ପାଣିଗ୍ରାହୀ, ପ୍ରଫେସର ଶତ୍ରୁଘ୍ନ ମଲ୍ଲିକ, ବିଧାନ ଚନ୍ଦ୍ର ରାୟ, ଅନୁସୂୟା ନାୟକ, ଶ୍ରୀନିବାସ ପ୍ରଧାନ, ସୁଶ୍ରୀ ଅର୍ଚ୍ଚନା ନନ୍ଦୀ, ସୀତାରାମ ପ୍ରଧାନ, ଜ୍ୟୋତ୍ସ୍ନା ମହାନ୍ତି, ସୁରମା ମିସ୍ତ୍ରୀ, ବାସନ୍ତୀ ସାମଲ ପ୍ରମୁଖ ମରାମତି ପାଇଁ ଦାବି କରିଥିଲେ।

# ନିର୍ମାଣ ହେଉନି ଯୋଡ଼ା-ଜୁରୁଡ଼ି ରାସ୍ତା

ଯୋଡ଼ା,୧୮।୧୧(ଡି.ଏନ.ଏ.)



ଯୋଡ଼ା-ବଡ଼ବିଲ ରାସ୍ତାରେ ଗାଡ଼ିଗୁଡ଼ିକ ଅଟକି ରହିଛି।

କେନ୍ଦୁଝର ଜିଲା ଯୋଡ଼ା-ଜୁରୁଡ଼ି ୨ନଂ. ରାଜ୍ୟ ରାଜପଥ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇ ପଡ଼ିଥିବାବେଳେ ଯୋଡ଼ା ବଡ଼ବିଲ ରାସ୍ତାରେ ଗାଡ଼ି ଚଳାଚଳ ଦୁଇ ଦିନ ହେଲା ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି। ଯୋଡ଼ାରୁ ବଡ଼ବିଲର ଦୂରତା ପ୍ରାୟ ୧୪ କି.ମି. ହୋଇଥିବାବେଳେ ଏହାକୁ ଅତିକ୍ରମ କରିବା ପାଇଁ ଦୁଇ ଘଣ୍ଟାରୁ ଅଧିକ ସମୟ ଲାଗୁଛି। ବୁଧବାର ଏବଂ ଗୁରୁବାର ଖଣିଜ ବୋଝେଇ ଟ୍ରକ୍ ଦ୍ୱାରା ରାଜପଥର ଦୁଇ ପାର୍ଶ୍ୱ ଅବରୋଧ ହୋଇଯାଇଥିଲା। ଏପରିକି ଦୁଇରାସ୍ତା ମଝିରେ ଥିବା ଡିଭାଇଡର୍‌ରେ ଲାଗିଥିବା ବାଡ଼କୁ ଭାଙ୍ଗି ଟ୍ରକ୍ ଗୁଡ଼ିକ ରାସ୍ତାର ଗୋଟିଏ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଚାଲି ଯାଉଥିଲେ। ଏହାଫଳରେ ରାଜପଥ ପ୍ରାଧୀକରଣର ଲକ୍ଷ ଲକ୍ଷ ଟଙ୍କା କ୍ଷତି ହୋଇଥିଲା। ରାଜପଥ ନିର୍ମାଣ କରୁଥିବା ଠିକା ସଂସ୍ଥାର ବରିଷ୍ଠ ଅଧିକାରୀ ଅନୁଜ କୁମାର କହିଛନ୍ତି, ଏନେଇ ସେ ସଂସ୍ଥା ପକ୍ଷରୁ ଲିଖିତ ଅଭିଯୋଗ କରିବେ। ଟ୍ରାଫିକ ପାଟ୍ରୋଲିଂ ଗାଡ଼ି ମଧ୍ୟ ଜାମ୍‌ରେ ଫଶି ରହିଥିଲା। ସେହିପରି ଯୋଡ଼ା- ଜୁରୁଡି ରାସ୍ତାର ଶୋଚନୀୟ ଅବସ୍ଥା ଫଳରେ ଜୁରୁଡ଼ିରୁ ଯୋଡ଼ାକୁ ଆମ୍ବୁଲାନ୍ସ ଆସିପାରୁ ନାହିଁ। ସାଧାରଣ ଲୋକେ ସୁନ୍ଦରଗଡ଼ ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚଳ ଦେଇ ଯୋଡ଼ାକୁ ଯାଉଛନ୍ତି। ଯୋଡ଼ାକୁ ମାତ୍ର ୮ କି.ମି. ରାସ୍ତା ହୋଇଥିବାବେଳେ ଲୋକଙ୍କୁ ଯୋଡ଼ା ପହଞ୍ଚିବା ପାଇଁ ପ୍ରାୟ ୨୦କି.ମିରୁ ଅଧିକ ରାସ୍ତା ଅତିକ୍ରମ କରିବାକୁ ପଡୁଛି। ଏହି ରାସ୍ତାକୁ ନିର୍ମାଣ କରୁଥିବା ଠିକାସଂସ୍ଥା ଦୁର୍ଗା କନ୍‌ଷ୍ଟ୍ରକସନ୍‌ର ମନ୍ଥର ଗତିକୁ ଦୀର୍ଘ ଦୁଇବର୍ଷ ହେବ ଜନସାଧାରଣ ସହି ଆସୁଛନ୍ତି। ଜୁରୁଡ଼ି ଅଞ୍ଚଳବାସୀ ସୁରେନ୍ଦ୍ରନାଥ ମହାନ୍ତି, ପ୍ରଭୁରଞ୍ଜନ ଶତପଥୀ, ଚୈତନ୍ୟ ପେଣ୍ଟେଇ ପ୍ରମୁଖ କହିଛନ୍ତି ଯେ,ଠିକାସଂସ୍ଥା ପକ୍ଷରୁ ପ୍ରଥମେ ବନାଞ୍ଚଳର ଅନୁମୋଦନ ପ୍ରଶାସନ ପାଖରୁ ମିଳିନାହିଁ ବୋଲି କହି ରାସ୍ତା ନିର୍ମାଣ ବନ୍ଦ କରିଦିଆଯାଇଥିଲା। ଅବିଳମ୍ବେ ପ୍ରଶାସନ ପକ୍ଷରୁ ଅନୁମୋଦନ ମିଳିଥିଲେ ମଧ୍ୟ ଠିକାସଂସ୍ଥା ଜାଣିଶୁଣି କାର୍ଯ୍ୟ ବିଳମ୍ବ କରୁଛି ବୋଲି ସେମାନେ ଅଭିଯୋଗ କରିଛନ୍ତି। ଏନେଇ ଠିକାସଂସ୍ଥା ପକ୍ଷରୁ ଅଧିକାରୀ ହିମାଂଶୁ ଚୌଧୁରୀ କହିଛନ୍ତି, ଅନବରତ ଗାଡ଼ି ଚଳାଚଳ ଫଳରେ କାର୍ଯ୍ୟ ବିଳମ୍ବ ହେଉଛି। ଅନ୍ୟପକ୍ଷେ ଖଣି ଅଞ୍ଚଳରେ ଥିବା ବିଭିନ୍ନ ସଂଗଠନ ପକ୍ଷରୁ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦିଆଯାଇଛି।

## ବଡ଼ବିଲ-ଯୋଡ଼ା ଜାମ୍ ଯୋଗୁ ଯାତାୟାତ ଠପ୍

## ସ୍କୁଟିକୁ ଧକ୍କା ଦେଲା ଟ୍ରକ୍: ମହିଳା ମୃତ

**ଭଦ୍ରକ ଅଫିସ:** ଭଦ୍ରକ ଜିଲା ୧୬ ନଂ. ଜାତୀୟ ରାଜପଥର ଚରମ୍ପା ନିକଟସ୍ଥ ରାସ୍ତାରେ ବୁଧବାର ସନ୍ଧ୍ୟାରେ ଏକ ସଡ଼କ ଦୁର୍ଘଟଣା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତ ମହିଳା ହେଲେ ଚରମ୍ପା ବରାଳପୋଖରୀ ଅଞ୍ଚଳର ଝିଅ ଉର୍ବଶୀ ଦଲେଇ (୩୬)। ସୂଚନା ଅନୁଯାୟୀ, ଉର୍ବଶୀ ସ୍କୁଟିରେ ଯାଉଥିବା ସମୟରେ ବିପରୀତ ଦିଗରୁ ଦ୍ରୁତଗତିରେ ଓଭରଟେକ୍ କରି ଆସୁଥିବା ଏକ ଟ୍ରକ୍ ତାଙ୍କୁ ଧକ୍କା ଦେଇଥିଲା। ଏହାକୁ ନେଇ ଦୁର୍ଘଟଣା ସ୍ଥଳରେ ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମାଞ୍ଚଳ ପୋଲିସ ପହଞ୍ଚି ଟ୍ରକ୍ ଜବତ କରିଥିଲା।

### ସଂକ୍ଷେପରେ

## ବଦଳିଲେ ୧୧ଥାନା ଅଧିକାରୀ

ବାରିପଦା ଅଫିସ,୧୮।୧୧- ମୟୂରଭଞ୍ଜ ଜିଲାର ୧୧ ଥାନା ଅଧିକାରୀଙ୍କ ବଦଳି ହୋଇଛି। ଏସ୍‌ପି କେ.ଆର. ଦ୍ୟାନଦେଓଙ୍କ ପତ୍ର (ନଂ.୨୩୭୭/୧୮ ନଭେମ୍ବର)ରୁ ଏହି ସୂଚନା ମିଳିଛି। ମୁଖ୍ୟାଳୟରେ ଥିବା ପ୍ରଭୁ କଲ୍ୟାଣ ଆଚାର୍ଯ୍ୟଙ୍କର ବଡ଼ସାହି ଥାନାକୁ ବଦଳି ହୋଇଥିବା ବେଳେ ଉଦଳା ଆଇଆଇସି ମୁକ୍ତି କୁମାର କୁଲୁଙ୍କର ଝାରପୋଖରିଆ, ସଦର ଥାନା ଆଇଆଇସି ପ୍ରେମଦା ନାଏକଙ୍କୁ ଠାକୁରମୁଣ୍ଡା, ମୁଖ୍ୟାଳୟରେ ଥିବା ମଧୁସ୍ମିତା ମହାନ୍ତିଙ୍କୁ ସଦରଥାନା, ଗୋରୁମହିଷାଣି ଆଇଆଇସି ନିରୋଜ ସାମଲଙ୍କୁ ଉଦଳା, ମୁଖ୍ୟାଳୟରେ ଥିବା ମୀନତି ବିଶ୍ୱାଳଙ୍କୁ କପ୍ତିପଦା ଓ କୁନି ବେଶ୍ରାଙ୍କୁ ଚାନ୍ଦୁଆ ଥନାକୁ ବଦଳି କରାଯାଇଛି। ସେହିପରି ଜୀବନ ମୋହନ ନାୟକଙ୍କୁ ଡିଆଇବି ସଦର, ଠାକୁରମୁଣ୍ଡା ଆଇଆଇସି ତିଲୋତ୍ତମା ରାଉତଙ୍କୁ ଏଚ୍‌ଆର୍‌ପିସି, ଜାମଦା ଓଆଇସି ଦେବାଶିଷ ଶତପଥୀଙ୍କୁ ଗୋରୁମହିଷାଣି ଓ ମୁଖ୍ୟାଳୟରେ ଥିବା କମଳାକାନ୍ତ ଦାସଙ୍କୁ ଜାମଦା ଥାନା ଓଆଇସି ଭାବେ ବଦଳି କରାଯାଇଛି।

## ବାଇକ୍ ଆରୋହୀଙ୍କୁ ଭୁଜାଲି ମାଡ଼ କରି ଲୁଟ୍

ରୂପସା, ୧୮।୧୧(ଡି.ଏନ.ଏ.)-ବାଲେଶ୍ୱର ଜିଲା ୬୦ ନମ୍ବର ଜାତୀୟ ରାଜପଥରେ ପୁଣି ଲୁଟେରାମାନେ ସକ୍ରିୟ ହୋଇଉଠିଛନ୍ତି। ବୁଧବାର ରାତିରେ ଲୁଟେରାମାନେ ଜଣେ ବାଇକ୍ ଆରୋହୀଙ୍କୁ ଆକ୍ରମଣ କରି ଲୁଟ୍ କରିଥିବା ଅଭିଯୋଗ ହୋଇଛି। ସଦର ବ୍ଲକ ଅଧୀନ ଉଇଟିକିରି ଗ୍ରାମର ପ୍ରଭାତ ଶତପଥି ରାତି ସାଢେ ୭ଟା ବେଳେ ବାଲେଶ୍ୱରରୁ ଘରକୁ ଫେରୁଥିବା ବେଳେ ରୂପସା ଥାନା ଅଧିନ ଚୁଡାଖିଆ ପୋଲ ନିକଟରେ ଏକ ବାଇକରେ ୩ଜଣ ଦୁର୍ବୃତ୍ତ ପଛପଟୁ ତାଙ୍କୁ ଅତର୍କିତ ଆକ୍ରମଣ କରିଥିଲେ। ଦୁର୍ବୃତ୍ତମାନେ ତାଙ୍କୁ ଭୁଜାଲି ମାଡ଼ କରିବା ସହ ତାଙ୍କ ନିକଟରେ ଥିବା ୫୩୦୦ ଟଙ୍କା ଓ ଏକ ଦାମୀ ମୋବାଇଲ ଲୁଟି ନେଇଥିଲେ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ପ୍ରଭାତ ତୁରନ୍ତ ଯାଇ ରୂପସା ଥାନାରେ ଅଭିଯୋଗ କରିଥିଲେ। ତାଙ୍କ ଶରୀରର ବିଭିନ୍ନ ସ୍ଥାନରେ ଗଭୀର କ୍ଷତ ହୋଇଥିବା ବେଳେ ସେ ପିନ୍ଧିଥିବା ଜ୍ୟାକେଟ ପାଇଁ ମୃତ୍ୟୁମୁଖରୁ ବଞ୍ଚିଯାଇଥିଲେ। ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ କରୁଛି।

## ସରକାରୀ ବସ୍ ଡ୍ରାଇଭରଙ୍କୁ ମାଡ଼

କେନ୍ଦୁଝର, ୧୮।୧୧ (ସ୍ୱ.ପ୍ର.): ବାରିପଦାରୁ ଅନୁଗୋଳ ଯାଉଥିବା ଏକ ସରକାରୀ ବସ୍ ଡ୍ରାଇଭରଙ୍କୁ ଗୁରୁବାର ଅପରାହ୍ନରେ କେନ୍ଦୁଝର ସ୍ଥିତ ସରକାରୀ ବସଷ୍ଟାଣ୍ଡରେ ଜଣେ ହୋଟେଲ ମାଲିକ ଏବଂ ତାଙ୍କ ପୁଅ ମାଡ଼ ମାରିଛନ୍ତି। ଆହତ ଡ୍ରାଇଭର ଅନୁଗୁଳ ଜିଲା ଝୁଲାଖୁଣ୍ଟିଆ ଗ୍ରାମର ବିଜୟ ବେହେରାଙ୍କ ଏତଲା କ୍ରମେ କେନ୍ଦୁଝର ଟାଉନ ପୋଲିସ ୩ ହୋଟେଲ କର୍ମଚାରୀଙ୍କୁ ଅଟକ ରଖି ତଦନ୍ତ ଚଳାଇଛି।

## ବାପ ଘରେ ଆତ୍ମହତ୍ୟା

ଭୋଗରାଇ, ୧୮।୧୧(ଡି.ଏନ.ଏ.)- ବାଲେଶ୍ୱର ଜିଲା ଭୋଗରାଇ ଥାନା ଅଧୀନ ସିଆଳିଆ ଗ୍ରାମରେ ବାପଘରେ ରହୁଥିବା ଜଣେ ମହିଳା ବୁଧବାର ରାତିରେ ତାଙ୍କ ଶୋଇବା ଘରେ ନିଜ ଓଢ଼ଣୀରେ ଫାଶୀ ଲଗାଇ ଆତ୍ମହତ୍ୟା କରିଛନ୍ତି। ଏହି ଘଟଣାରେ ପୋଲିସ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଗୁରୁବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଭାଗବତ ଗାଦିପୀଠରେ ଗୀତା ଜ୍ଞାନଯଜ୍ଞ

ବାସୁଦେବପୁର,୧୮।୧୧(ଡି.ଏନ.ଏ.)-ଭଦ୍ରକ ଜିଲା ବାସୁଦେବପୁର ପୌରପାଳିକା ଅଧୀନ ଉଚ୍ଚଡିହା ଗ୍ରାମ ଛକରେ ଥିବା ଭାଗବତ ଗାଦିପୀଠରେ କାର୍ତ୍ତିକ ପୂର୍ଣ୍ଣିମା ଉପଲକ୍ଷେ ଗୁରୁବାର ଗୀତାଜ୍ଞାନ ଯଜ୍ଞ ଅନୁଷ୍ଠିତ ହୋଇଛି। ଗାଦି ଗୋସାଇଁଙ୍କୁ ପ୍ରଥମେ ପୂଜାର୍ଚ୍ଚନା ସହ ମଠ ପ୍ରତିଷ୍ଠାତା ସ୍ୱର୍ଗତ ପ୍ରାଣବନ୍ଧୁ ପଣ୍ଡାଙ୍କ ପ୍ରତିମୂର୍ତ୍ତିକୁ ପୂଜା କରାଯାଇଥିଲା। ମାତାଜୀ ଗୁଧମା ଗାଦିରେ ପୂଜାପାଠ କରିବା ପରେ ଯାଜ୍ଞିକ ବ୍ରାହ୍ମଣ ଦୀପକ ଦାଶ, ଅରୁଣ ମିଶ୍ର, ମନ୍ମଥ ମିଶ୍ର, ଯଦୁନାଥ ଷଡ଼ଙ୍ଗୀ, ଚିନ୍ମୟାନନ୍ଦ ମିଶ୍ର, ହୃଷିକେଶ ପଣ୍ଡା ପ୍ରମୁଖ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। କର୍ତ୍ତାକର୍ତ୍ତା ଭାବେ ସୁମତୀରାଣୀ ବାରିକ, ନାରାୟଣ ବାରିକ, ରାଜେନ୍ଦ୍ର ମହାକୁଡ଼, ସାବିତ୍ରୀ ମହାକୁଡ଼, ଶ୍ୟାମସୁନ୍ଦର ମହାକୁଡ଼, ଝରଣା ମହାକୁଡ଼, ଧିରେନ୍ଦ୍ର ବାରିକ, ମିନତି ମହାକୁଡ଼ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। ପୂର୍ବତନ ଡିଆଇ ରତ୍ନାକର ମଲ୍ଲିକଙ୍କ ସମେତ ଉଚ୍ଚଡିହା, ଭୈରବପୁର ସମେତ ଆଖପାଖ ଗ୍ରାମର ଲୋକେ ସହଯୋଗ କରିଥିଲେ।

# ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଚଞ୍ଚକତା

### ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ନଚେତ୍ ଧାରଣା

ସିମୁଳିଆ, ୧୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏ ସମ୍ପର୍କରେ ସ୍ଥାନୀୟ ଅଞ୍ଚଳର ୨୧ଜଣ ଗ୍ରାମବାସୀ ବିଡିଓ, ପିଡି, ଜିଲାପାଳ, ଭିଜିଲାନ୍ସ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଆସନ୍ତା ୭ଦିନ ମଧ୍ୟରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଗଲେ ସେମାନେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି ।

ଶ୍ୟାମସୁନ୍ଦରପୁର ପଞ୍ଚାୟତ କୁଅଁରପୁର ଅଞ୍ଚଳରେ ରମାକାନ୍ତ ନାୟକଙ୍କୁ ଏକ ପ୍ରଧାନମନ୍ତ୍ରୀ ଆବାସ ମିଳିଥିଲା। ତେବେ ପ୍ରଶାସନକୁ ହାତ କରି ଏହାକୁ ଚଞ୍ଚକତା କରାଯାଇ ସ୍ଥାନୀୟ ଅଞ୍ଚଳର ଖଗେନ୍ଦ୍ର ଦାସ ନାମକ ଅନ୍ୟ ଜଣଙ୍କ



ଶ୍ୟାମସୁନ୍ଦରପୁର ପଞ୍ଚାୟତବାସୀ ବିଡିଓଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରୁଛନ୍ତି।

ଜାଗାରେ ଏହାକୁ ନିର୍ମାଣ କରାଯାଇଛି । ଏ ସମ୍ପର୍କରେ ସ୍ଥାନୀୟ ଲୋକଙ୍କ ଅଭିଯୋଗ ପରେ ଖଗେନ୍ଦ୍ର ଗତ ୧୩।୦୪।୨୧ରେ ରାମକାନ୍ତଙ୍କ ନାମରେ ୧ ଡିସିମିଲ ଜମି ରେଜିଷ୍ଟ୍ରେଶନ କରିଦେଇଥିଲେ । ତେବେ ଏହି ଜମି ନିକଟରେ ଥିବା ସରକାରୀ ଜମିକୁ ମଡାଇ ଘର ନିର୍ମାଣ କାର୍ଯ୍ୟ ଚାଲୁରହିବା ସମ୍ପର୍କରେ ପୁଣି ଅଭିଯୋଗ ହୋଇଥିଲା । ବାରମ୍ବାର ଅଭିଯୋଗ ପରେ ମଧ ଏହି ଘର ନିର୍ମାଣର ସମ୍ପୂର୍ଣ୍ଣ ବିଲ୍ ପୈଠ କରିଦିଆଯାଇଛି। ତେବେ ପଞ୍ଚାୟତ ଏକ୍‌ଜିକ୍ୟୁଟିଭ ଅଫିସର(ପିଇଓ)ଙ୍କ ନିକଟରେ ଏହି ଅନିୟମିତତା ସମ୍ପର୍କରେ ବାରମ୍ବାର ଅଭିଯୋଗ ହୋଇଥିଲେ ହେଁ କୌଣସି ସୁଫଳ ମିଳି ନ ଥିବା ସ୍ଥାନୀୟ ବାସିନ୍ଦା ଅଭିଯୋଗ କରିଛନ୍ତି । ଘର ନିର୍ମାଣ ପୂର୍ବରୁ ଘରବାଡ଼ି କାଗଜପତ୍ର ଦିଆଯିବାର ନିୟମ ଥିଲେ ହେଁ ଘର ନିର୍ମାଣ ଆରମ୍ଭ ହେବାର ୨ମାସ ପରେ ଜମି ରେଜିଷ୍ଟ୍ରେଶନ କରାଯାଇଛି । ବିଡିଓ ସୁଧୀର କୁମାର ସିଂ ଏହାର ତଦନ୍ତ କରିବେ ବୋଲି କହିଛନ୍ତି । ସେହିପରି ପିଇଓ ପ୍ରଦୀପ କୁମାର ବେହେରାଙ୍କୁ ପଚାରିବାରେ ଉପଭୋକ୍ତା ରମାକାନ୍ତ ଘର ନିର୍ମାଣ ପୂର୍ବରୁ କାଗଜପତ୍ର ଦେଇ ପରେ ସ୍ଥାନ ବଦଳି କରିଥାଇପାରନ୍ତି ବୋଲି ସେ କହିଥିଲେ। ଏ ସମ୍ପର୍କରେ ସ୍ଥାନୀୟ ସରପଞ୍ଚ ମଞ୍ଜୁଲତା ବେହେରାଙ୍କୁ ପଚାରିବାରୁ ପିଇଓ ତାଙ୍କର କୌଣସି ପରାମର୍ଶ ବିନା କାର୍ଯ୍ୟ କରୁଥିବା କହିଛନ୍ତି । ଅପରପକ୍ଷେ ଶ୍ୟାମସୁନ୍ଦରପୁର ପଞ୍ଚାୟତରେ ବିଭିନ୍ନ ଆବାସ ଗୃହ ନିର୍ମାଣରେ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି ।

# ଡକାୟତ ନା କାଠଚୋର



ରାସ୍ତା କାଟି ସଫା କରାଯାଉଛି।

### ରାସ୍ତାରେ ଗଛ ପକାଇ ବସ୍‌ରୁ ଡକାୟତି ଯୋଜନାର ଭିନ୍ନ ମୋଡ଼

ସଜନାଗଡ଼,୧୮।୧୧(ଡି.ଏନ.ଏ.)

ନୀଳଗିରି-ଉଦଳା ରାସ୍ତାର ସଜନାଗଡ଼ ନିକଟ ତିନିକୋଣିଆ ସଂରକ୍ଷିତ ଜଙ୍ଗଲରୁ ଗଛ କାଟି ରାସ୍ତାରେ ପକାଇ ଏକ ଘରୋଇ ବସ୍‌ରୁ ଡକାୟତି ଉଦ୍ୟମ କରାଯିବା ଘଟଣାକୁ ବିତର୍କ ସୃଷ୍ଟି ହୋଇଛି। ଡକାୟତ ନୁହେଁ ଏହା କାଠ ଚୋରଙ୍କ କାରନାମା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି। ବନ ବିଭାଗ ନିଜ ଦୋଷ ଦୁର୍ବଳତା ଲୁଚାଇବା ପାଇଁ ଏହାକୁ ଡକାୟତି ଆଖ୍ୟା ଦେଇଥିବା ଆଲୋଚନା ଚାଲିଛି।

ବୁଧବାର ରାତି ପ୍ରାୟ ୧୧ଟା ସମୟରେ ୧୯ନଂ. ରାଜ୍ୟ ରାଜପଥରେ ଉଦଳାରୁ ଭୁବନେଶ୍ୱର ଯାଉଥିବା 'ବିଜୟା' ବସ୍‌କୁ ଅଟକାଇ ଡକାୟତମାନେ ଲୁଟ୍ ଉଦ୍ୟମ କରିଥିବା ଖବର ପ୍ରଚାର ହୋଇଥିଲା। ଏହାକୁ ନେଇ ଜିଲାରେ ଚାଞ୍ଚଲ୍ୟ ଖେଳି ଯାଇଥିଲା। ଗଛକଟା ହୋଇ ରାସ୍ତାରେ ପଡ଼ିବା ଶବ୍ଦ ଶୁଣି ସଜନାଗଡ଼ ଫରେଷ୍ଟଗାର୍ଡ ଜୟଦେବ ମଲିକ ସେଠାରେ ପହଞ୍ଚିଥିଲେ। ଏହି ସମୟରେ ୨ଜଣ ବ୍ୟକ୍ତି ତାଙ୍କୁ ଦେଖି ସେଠାରୁ ଦୌଡ଼ି ପଳାଇଯାଉଥିବା ସେ ଦେଖିଥିଲେ। କିଛି ସମୟ ପରେ ବସ୍‌ଟି ସେଠାରେ ପହଞ୍ଚିଥିଲା। ବସ୍‌ର ଡ୍ରାଇଭର ଓ ହେଲପରଙ୍କ କହିବା ଅନୁସାରେ ଗଛ ପଡ଼ିଥିବା ସ୍ଥାନଠାରୁ କିଛି ବାଟ ପୂର୍ବରୁ ୨ଜଣ ଲୋକ ରାସ୍ତାରେ ଗଛ ପଡ଼ିଛି। ଯିବା ପାଇଁ ଅନ୍ୟ ବାଟ ଅଛି। ଆମକୁ ୨୦୦ ଟଙ୍କା ଦେଲେ ରାସ୍ତା ଦେଖାଇ ଦେବୁ ବୋଲି କହିଥିଲେ। ସେମାନଙ୍କ କଥା ନ ଶୁଣି ଡ୍ରାଇଭର ବସ୍ ନେଇ ପଳାଇ ଆସିଥିଲେ।

ଯଦି ଡକାୟତମାନେ ଗଛ ପକାଇ ଏପରି ଯୋଜନା କରୁଥିଲେ ତେବେ ବସ୍ ଯାତ୍ରୀଙ୍କଠାରୁ ସୁନା ଅଳଙ୍କାର ଓ ଟଙ୍କା ଲୁଟ୍ କରିଥାନ୍ତେ। ମାତ୍ର ୨ଜଣ ବ୍ୟକ୍ତି ବସ୍‌ର ଡ୍ରାଇଭରଙ୍କୁ ଅନ୍ୟ ବାଟେ ଯିବା ପାଇଁ ମାତ୍ର ୨ଶହ ଟଙ୍କା ମାଗିଥାନ୍ତେ କ'ଣ ପାଇଁ। ସେମାନଙ୍କ ପାଖରେ କୌଣସି ମାରଣାସ୍ତ୍ର ଥିବା ଘଟଣାସ୍ଥଳକୁ ଯାଇଥିବା ବନବିଭାଗ ଓ ବସ୍ କର୍ମଚାରୀ ଦେଖି ନ ଥିବା କହୁଥିବା ବେଳେ ଏହା କିଭଳି ଡକାୟତି ଯୋଜନା ହେଲା ବୋଲି ସାଧାରଣରେ ଚର୍ଚ୍ଚା ଚାଲିଛି । ଉକ୍ତ ଜଙ୍ଗଲରୁ ପୂର୍ବରୁ ବଡ଼ ବଡ଼ ଶାଳଗଛକୁ କାଠଚୋରମାନେ କାଟି ନେଇଥିବା ନଜିର ରହିଛି। ତେବେ ବୁଧବାର କଟାଯାଇଥିବା ଗଛଟି ପୋଲା ପଡ଼ିଯାଇଥିବାରୁ କାଠଚୋର ଏହାକୁ ଛାଡ଼ି ପଳାଇ ଯାଇଥିଲେ। ମାତ୍ର ବନବିଭାଗ ଦୋଷ ଖସାଇବା ପାଇଁ ଏହାକୁ ଡକାୟତି ରୂପ ଦେଉଥିବା ଆଲୋଚନା ହେଉଛି।

ଏ ସଂକ୍ରାନ୍ତରେ ନୀଳଗିରି ଡେପୁଟି ରେଞ୍ଜର ଗଣେଶ୍ୱର ଲେଙ୍କାଙ୍କୁ ପଚାରିବାରୁ ସେ ଡକାୟତି ଘଟଣାକୁ ଅସ୍ୱୀକାର କରିଛନ୍ତି। ଘଟଣାସ୍ଥଳକୁ ଫରେଷ୍ଟର ଓ ଗାର୍ଡ଼ ଯାଇଥିଲେ। ଦୌଡ଼ି ପଳାଇଥିବା ଦୁଇ ବ୍ୟକ୍ତିଙ୍କ ହାତରେ କୌଣସି ମାରଣାସ୍ତ୍ର ନ ଥିବା ଗାର୍ଡ଼ ଜଣକ ସୂଚନା ଦେଇଥିବା ବେଳେ ରାତିରେ ପଡ଼ିଥିବା ଗଛଟିକୁ କାଟି ରାସ୍ତା ପରିଷ୍କାର କଲାପରେ ଯାତାୟତ ସ୍ୱାଭାବିକ ହୋଇଥିଲା ବୋଲି କହିଛନ୍ତି।

# ୨୬ରେ ମୁଖ୍ୟମନ୍ତ୍ରୀଙ୍କ ବାଲେଶ୍ୱର ଗସ୍ତ



ରିଜର୍ଭ ପୋଲିସ ପଡ଼ିଆରେ ସ୍ଥିତି ତଦାରଖ କରାଯାଉଛି।

### କ୍ଷେତ୍ର ପରିଦର୍ଶନ କଲେ ମନ୍ତ୍ରୀ, ବିଧାୟକ, ପ୍ରଶାସନିକ ଅଧିକାରୀ

ବାଲେଶ୍ୱର ଅଫିସ, ୧୮।୧୧

ଆସନ୍ତା ୨୬ତାରିଖରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ବାଲେଶ୍ୱର ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ବାଲେଶ୍ୱର ରିଜର୍ଭ ପୋଲିସ ଲାଇନ ପଡ଼ିଆରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାର ସ୍ମାର୍ଟ ହେଲଥ୍‌କାର୍ଡ ବଣ୍ଟନ କରିବା ସହ ବିଭିନ୍ନ ପ୍ରକଳ୍ପର ଶିଳାନ୍ୟାସ କରିବାର ଯୋଜନା ରହିଛି। ଏନେଇ ଜିଲାପାଳ କେ. ସୁଦର୍ଶନ ଚକ୍ରବର୍ତ୍ତୀଙ୍କ ସମେତ ବିଜେଡି ସାଙ୍ଗଠନିକ ସମ୍ପାଦକ ତଥା ଯାଜପୁରର ବିଧାୟକ ପ୍ରଣବ ପ୍ରକାଶ ଦାସ, ସଂସ୍କୃତି ଓ ପର୍ଯ୍ୟଟନ ମନ୍ତ୍ରୀ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ପୂର୍ବତନ ଏମ୍‌ପି ତଥା ଜିଲା ସଭାପତି ଇଂ. ରବୀନ୍ଦ୍ର କୁମାର ଜେନା, ଭୋଗରାଇ ବିଧାୟକ ଅନନ୍ତ ଦାସ, ଜଳେଶ୍ୱର ବିଧାୟକ ଅଶ୍ୱିନୀ ପାତ୍ର, ବସ୍ତା ବିଧାୟକ ନିତ୍ୟାନନ୍ଦ ସାହୁ, ସୋର ବିଧାୟକ ପର୍ଶୁରାମ ଧଡ଼ା, ରେମୁଣା ବିଧାୟକ ସୁଧାଂଶୁ ଶେଖର ପରିଡ଼ା, ବାଲେଶ୍ୱର ବିଧାୟକ ସ୍ୱରୂପ କୁମାର ଦାସ ପ୍ରମୁଖ ପଡ଼ିଆରେ ପହଞ୍ଚି ଚତୁଃପାର୍ଶ୍ୱ ବୁଲି ଦେଖିବା ସହ ସମସ୍ତ ପ୍ରକାର ବ୍ୟବସ୍ଥାର ତଦାରଖ କରିଥିଲେ।

## କାଠ ମାଫିଆଙ୍କୁ ଧରିପାରିଲାନି ବନବିଭାଗ

ଢେଙ୍କିକୋଟ,୧୮।୧୧(ଡି.ଏନ.ଏ.)

କେନ୍ଦୁଝର ଜିଲା ଢେଙ୍କିକୋଟ ଫରେଷ୍ଟ ସେକ୍ସନରେ କାଠ ମାଫିଆଙ୍କୁ ଧରିବାରେ ବନବିଭାଗ ବିଫଳ ହୋଇଛି। ସୂଚନା ଅନୁଯାୟୀ, ଗୁରୁବାର ଅପରାହ୍ନରେ ଫରେଷ୍ଟ ବିଭାଗର ମୋବାଇଲ ଟିମ୍ ଢେଙ୍କିକୋଟ ଫରେଷ୍ଟର ସୀମନ୍ତ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ଏକ ପଥର ଖଣିରେ ଚଢ଼ାଉ କରିଥିଲା। ଡେପୁଟି ରେଞ୍ଜର ପୀତାମ୍ବର ନାୟକ, ଦେଓବନ୍ଧ ଫରେଷ୍ଟର ପୁଷ୍ପଲତା ମହାନ୍ତ, ପିପିଳିଆ ଫରେଷ୍ଟ ଗାର୍ଡ ଅନିତା ରାଉତଙ୍କ ସମେତ ୧୨ ପାରା ଷ୍ଟାଫ ଏଥିରେ ସାମିଲ ଥିଲେ। ଉକ୍ତ ଖଣିରେ ଚଢ଼ାଉ ବେଳେ ୨ ଟ୍ରାକ୍ଟରକୁ ଜବତ କରି ଘଟଗାଁ ରେଞ୍ଜ ଅଫିସକୁ ନିଆଯାଇଥିବା ବେଳେ ଏକ ନାଲି ରଙ୍ଗର ପିକ୍‌ଅପ୍ ଭ୍ୟାନ୍ ମୂଲ୍ୟବାନ କାଠ ବୋଝେଇ କରି ଦ୍ରୁତଗତିରେ ଆସୁଥିବା ଦେଖି ବନ ବିଭାଗର ଦୁଇଟି ବୋଲେରୋ ପିଛା କରିଥିଲେ। ଫଳରେ କାଠ ବୋଝେଇ ଗାଡ଼ିଟି ଆଉ ଏକ ଗ୍ରାମରେ ପଶିଯାଇଥିଲା। ସେଠାରେ ଥିବା କେତେକ କାଠ ମାଫିଆ ପଥର ମାଡ଼ କରିବାରୁ ବନ ବିଭାଗ କର୍ମଚାରୀ ସେଠାରୁ ଜୀବନ ବଞ୍ଚାଇ ପଳାଇ ଆସିଥିଲେ।

## ଲଘୁଚାପ ବର୍ଷା ଉଜାଡ଼ିଲା ଫସଲ



ବର୍ଷାରେ ଗଜା ହୋଇଯାଇଥିବା ଧାନ।

ଚମ୍ପୁଆ, ୧୮।୧୧(ଡି.ଏନ.ଏ)

କୃଷି ଜିଲା ଚମ୍ପୁଆରେ ଲଘୁଚାପ ଜନିତ ବର୍ଷା ଫଳରେ ଧାନଚାଷ କ୍ଷତି ହୋଇଛି। ପାଚିଲା ଧାନ ଗଜା ହୋଇଯିବା ଫଳରେ ଚାଷୀ ଏଥର କ୍ଷତି ସହିବା ନିଶ୍ଚିତ ହୋଇ ଯାଇଛି। ଅଧିକ ଅମଳ ଆଶାରେ ଉନ୍ନତମାନର ଧାନବିହନ ଓ ସାର ପ୍ରୟୋଗ କରି ବହୁ ଟଙ୍କା ଖର୍ଚ୍ଚ କରିଥିଲେ। ଲଘୁଚାପ ଜନିତ ବର୍ଷା ଫଳରେ ଅମଳ ହୋଇଥିବା ଧାନ ଗଜା ହୋଇଯାଇଛି। ଚମ୍ପୁଆ ବ୍ଲକର କୁଟାରିପଶି, ଜଜପଶି,ସୁନାପଶି ଆଦି ପଞ୍ଚାୟତରେ ବିଲରେ ନଇଁ ପଡିଥିବା ଧାନ ଓ କଟାହୋଇ ବିଲରେ ପଡିଥିବା ଧାନ ଗଜା ହୋଇଯାଇଥିବା ଜଣାଯାଇଛି। ଲଗାଣ ବର୍ଷା ଫଳରେ ଚାଷୀ ନିଜ ଧାନଖଳାକୁ ଧାନ ନେଇପାରି ନ ଥିବା ବେଳେ ଧାନକାଟି ବିଲରେ ଗଦା କରିଥିଲେ। ଏସମ୍ପର୍କରେ ଚମ୍ପୁଆ କୃଷି ଜିଲା ଅଧିକାରୀ ମନୋରଞ୍ଜନ ମଣ୍ଡଳ କହିଛନ୍ତି, ଆମେ ବିଭିନ୍ନ ପଞ୍ଚାୟତ ପରିଦର୍ଶନ କରୁଛୁ। ବିଶେଷ ଭାବରେ ପାଣି ରହିଥିବା ବିଲ ଗୁଡିକରେ ଧାନ ଗଜା ହେବାର ସମ୍ଭାବନା ରହିଥାଏ। ସହକାରୀ କୃଷି ଅଧିକାରୀଙ୍କୁ ଏହାର ତଦନ୍ତ ରିପୋର୍ଟ ଦେବାପାଇଁ କୁହାଯାଇଛି। ଯେଉଁ ଚାଷୀମାନେ ବୀମା କରିଛନ୍ତି ସେମାନଙ୍କର କ୍ଷତି ହୋଇଥିଲେ କ୍ଷତିପୂରଣ ସରକାରୀ ନିୟମ ଅନୁସାରେ ପ୍ରଦାନ କରାଯିବ।

## ଜୀବନ ଗଲା ପରେ ହମ୍ପ୍‌ସ ଉଠିଲା

ସିମୁଳିଆ, ୧୮।୧୧(ଡି.ଏନ.ଏ.)

ଜଳ ପରିମଳ ବିଭାଗର କିରାଣି ସଞ୍ଜୟ ସାହୁଙ୍କ ଜୀବନ ଯିବା ପରେ ସିମୁଳିଆ ପୋଲିସ ୧୬ନଂ. ଜାତୀୟ ରାଜପଥର ଥାନା ସମ୍ମୁଖରେ ଥିବା ହମ୍ପ୍‌ସକୁ ଗୁରୁବାର ଡୋଜର ସହାୟତାରେ ଉଠାଇ ଦେଇଛି । ତେବେ କିଏ କେଉଁ ଉଦ୍ଦେଶ୍ୟରେ ଥାନା ସମ୍ମୁଖରେ ଏହି ହମ୍ପ୍‌ସ ନିର୍ମାଣ କରିଥିଲା ତାହା ଜଣାପଡିନାହିଁ। ବୁଧବାର ପୂର୍ବାହ୍ନ ସାଢେ ୧୧ଟା ବେଳେ ସମ୍ମୁଖ ହମ୍ପ୍‌ସ ନିକଟରେ ଦୁର୍ଘଟଣା ଘଟି ସୋର ଜଳ ପରିମଳ ବିଭାଗର ସଞ୍ଜୟ ସାହୁ(୫୦)ଙ୍କ ମୃତ୍ୟୁ ଘଟିଥିଲା। ସଞ୍ଜୟ ପ୍ରତ୍ୟେକ ଦିନ ବାଇକରେ ନିଜ ଘର ଭଦ୍ରକରୁ ସୋର ଯାତାୟାତ କରୁଥିବା ବେଳେ ପୂର୍ବଦିନ ନିର୍ମାଣ କରାଯାଇଥିବା ହମ୍ପ୍‌ସ ସମ୍ପର୍କରେ ଜାଣି ପାରି ନ ଥିଲେ। ହମ୍ପ୍‌ସ ନିକଟରେ କୌଣସି ସୂଚନାଫଳକ ନ ଥିଲା । ସଞ୍ଜୟ ରାଜପଥରେ ଦୀର୍ଘଦିନ ଧରି ଅଟକ ରହିଥିବା ଟ୍ରକ ସହ ଧକ୍କା ହୋଇଥିଲେ। ଏ ସମ୍ପର୍କରେ ଧରିତ୍ରୀରେ 'ପ୍ରଶାସନର ଅବହେଳା, କିରାଣିଙ୍କ ଜୀବନ ଗଲା' ଶୀର୍ଷକରେ ଖବର ପ୍ରକାଶ ପାଇଥିଲା।

## ସ୍ମାର୍ଟ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନ

ଚମ୍ପୁଆ/ଝୁମ୍ପୁରା/ପାଟଣା, ୧୮।୧୧(ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲା ଚମ୍ପୁଆ ଏନ୍‌ଏସିର ମହତାବ ଉଚ୍ଚ ବିଦ୍ୟାଳୟ ଠାରେ ସ୍ୱାସ୍ଥ୍ୟ କାର୍ଡ ବଣ୍ଟନର ଶୁଭାରମ୍ଭ କରାଯାଇଛି। ମୁଖ୍ୟଅତିଥି ଭାବେ ଚମ୍ପୁଆ ଉପଜିଲାପାଳ ପ୍ରତାପ ପ୍ରତିମୟ, ସମ୍ମାନିତ ଅତିଥି ଭାବେ ଉପଖଣ୍ଡ ଚିକିତ୍ସା ଅଧିକାରୀ ଉମାକାନ୍ତ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ଝୁମ୍ପୁରା ବ୍ଲକର ଉଚ୍ଚ ବିଦ୍ୟାଳୟ ଏବଂ ବାଲିବନ୍ଧ ଉଚ୍ଚ ବିଦ୍ୟାଳୟ ପରିସରରେ ୨୦୦ ଲେଖାଏଁ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ କରାଯାଇଥିଲା। ପାଟଣା ବ୍ଲକ ଚିନାମାଳି ପଶି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ପଲାଶଘାଟି ପଞ୍ଚାୟତ ପରିସରରେ ମୁଖ୍ୟ ଅତିଥି ଭାବେ ପାଟଣା ବିଧାୟକ ଜଗନ୍ନାଥ ନାଏକ ଯୋଗ ଦେଇ ଦୁଇ ଶହ ଜଣ ଯୋଗ୍ୟ ହିତାଧିକାରୀ ଓ ସାହାରପଡା ବ୍ଲକ ସାହାରପଡା ଓ ବଡ଼ବିଲ ପଞ୍ଚାୟତରେ ୪ଶହ ଜଣଙ୍କୁ ସ୍ମାର୍ଟ କାର୍ଡ ବଣ୍ଟନ କରିଛନ୍ତି।

# ବିଭିନ୍ନ ଦାବି ନେଇ ଆଶାକର୍ମୀଙ୍କ ବିକ୍ଷୋଭ

### ୩ରେ ବିଧାନସଭା ଆଗରେ ଆନ୍ଦୋଳନ ଚେତାବନୀ



ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ।

ବାଲେଶ୍ୱର ଅଫିସ, ୧୮।୧୧

ବାଲେଶ୍ୱର ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ଗୁରୁବାର ଭାରତୀୟ ମଜଦୁର ସଂଘ (ବିଏମ୍‌ଏସ୍) ଦ୍ୱାରା ପରିଚାଳିତ ଓଡ଼ିଶା ରାଜ୍ୟ ଆଶାକର୍ମୀ ସଂଘ ବାଲେଶ୍ୱର ଜିଲା କମିଟି ପକ୍ଷରୁ ଆଶାକର୍ମୀମାନେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ଆଶାକର୍ମୀମାନେ ବାଲେଶ୍ୱର ରେଳଷ୍ଟେଶନରୁ ବାହାରି ସହର ପରିକ୍ରମା କରି ଜିଲାପାଳଙ୍କ ଅଫିସ୍ ସମ୍ମୁଖରେ ପହଞ୍ଚିଥିଲେ। ଜିଲା ସଭପତି ଶକୁନ୍ତଳା ଗୋଚ୍ଛାୟତ ଅଧକ୍ଷତା କରିଥିଲେ। ବିଏମ୍‌ଏସ୍‌ର ରାଜ୍ୟ ସଭାପତି ପୃଥ୍ୱୀରାଜ ପଣ୍ଡା ଯୋଗଦେଇ କରୋନା ମହାମାରୀ ସମୟରେ ଆଶାକର୍ମୀମାନେ ଜନସାଧାରଣଙ୍କୁ ସଚେତନ କରାଇବା ସହିତ ବହୁ ସେବାମୂଳକ କାର୍ଯ୍ୟ କରୁଥିବାରୁ ଧନ୍ୟବାଦ ଜଣାଇଥିଲେ। ଆଶାକର୍ମୀମାନେ ବିଭିନ୍ନ ସମସ୍ୟା ନେଇ ସରକାରଙ୍କୁ ବାରମ୍ବାର ଅବଗତ କରାଇଥିଲେ ମଧ କୌଣସି ସୁଫଳ ମିଳିନି। ଆସନ୍ତା ଡିସେମ୍ବର ୩ରେ ରାଜ୍ୟବ୍ୟାପୀ ଆଶାକର୍ମୀମାନେ ବିଧାନସଭା ଆଗରେ ଆନ୍ଦୋଳନ କରିବାକୁ ଆହ୍ୱାନ ଦେଇଥିଲେ। ସଂଘ ରାଜ୍ୟ ଉପସଭାପତି କୁମମଣି ଦେଇ, ଜିଲା ସମ୍ପାଦିକା କଳ୍ପଲତା ଦାସ, ଅନ୍ନପୂର୍ଣ୍ଣ ରାଉତ, ଜାନକୀ ରାଉଳ, ଅପର୍ଣ୍ଣା ପ୍ରଧାନ ପ୍ରମୁଖ ଏକ ପ୍ରତିନିଧି ମଣ୍ଡଳୀ ୧୦ଦଫା ସମ୍ବଳିତ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ପ୍ରଦାନ କରିଥିଲେ।

## ଟାଟା ପାୱାର ସମ୍ମୁଖରେ ଗଣଧାରଣା

ରେମୁଣା,୧୮।୧୧(ଡି.ଏନ.ଏ.)

ବାଲେଶ୍ୱର ଜିଲା ରେମୁଣା ଗୋଲେଇସ୍ଥିତ ଟାଟା ପାୱାର ନର୍ଦ୍ଦନ ଓଡ଼ିଶା ଡିଷ୍ଟ୍ରିବ୍ୟୁଶନ୍ ଲିମିଟେଡ୍ (ଟିପିଏନ୍‌ଓଡିଏଲ୍) ମୁଖ୍ୟ ଅଫିସ୍ ସମ୍ମୁଖରେ ଜିଲାର ୪ଟି ଶ୍ରମିକ ସଙ୍ଗଠନ ପକ୍ଷରୁ ୩୦ ଦଫା ଦାବି ନେଇ ଏକ ପ୍ରତିବାଦ ସଭା ଗୁରୁବାର ଅନୁଷ୍ଠିତ ହୋଇଥିଲା। ଜିଲା କଂଗ୍ରେସ ଓ ରାଷ୍ଟ୍ରୀୟ ମଜଦୁର କଂଗ୍ରେସ, ଓଡ଼ିଶା ପାୱାର ସେକ୍ଟର ଟେକ୍ନିକାଲ ଏମ୍ପ୍ଲୋଇଜ୍ ୟୁନିୟନ୍ ଏବଂ ଅଲ୍ ଓଡ଼ିଶା ମିଟରି ରିଡରି ଆସୋସିଏସନ୍ ବାଲେଶ୍ୱର ଶାଖାର ମିଳିତ ଆନୁକୂଲ୍ୟରେ ଏହି ପ୍ରତିବାଦ କରାଯାଇଥିଲା। କଂଗ୍ରେସ ଜିଲା କମିଟି ସଭାପତି ସଞ୍ଜୀବ ଗିରି ଯୋଗଦେଇ ରାଜ୍ୟ ଓ କେନ୍ଦ୍ରର ମିଳିତ ଶାସନ ଚାଲିଛି ବୋଲି ଅଭିଯୋଗ କରିଥିଲେ।




ପ୍ରତିବାଦ ସଭାରେ ସଙ୍ଗଠନର କର୍ମକର୍ତ୍ତା।

## ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ସାମ୍ବାଦିକଙ୍କୁ ମନା

### ଖବରଦାତା ସମ୍ମିଳନୀକୁ ବର୍ଜନ

କେନ୍ଦୁଝର,୧୮।୧୧(ସ୍ୱ.ପ୍ର.)

ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗୁରୁବାର ଭିଡିଓ କନ୍‌ଫରେନ୍ସ ମାଧ୍ୟମରେ କେନ୍ଦୁଝର ଜିଲାରେ ସ୍ୱାସ୍ଥ୍ୟକାର୍ଡ ବଣ୍ଟନର ଶୁଭାରମ୍ଭ କରିଛନ୍ତି। ଏନେଇ ସଂସ୍କୃତି ଭବନରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମର ଆୟୋଜନ ହୋଇଥିଲେ ହେଁ ସେଠାକୁ ସାମ୍ବାଦିକମାନଙ୍କୁ ଡକାଯାଇ ନ ଥିବାରୁ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦ କରିଛି କେନ୍ଦୁଝର ଜିଲା ପ୍ରେସ୍ କ୍ଲବ। ମଧ୍ୟାହ୍ନରେ ରାଜସ୍ୱ ମନ୍ତ୍ରୀ ସୁଦାମ ମାରାଣ୍ଡି ଡାକିଥିବା ଖବରଦାତା ସମ୍ମିଳନୀକୁ ସାମ୍ବାଦିକମାନେ ବର୍ଜନ କରିବାକୁ ପ୍ରେସ୍ କ୍ଲବ ସଭାପତି ସତ୍ୟନାରାୟଣ ମିଶ୍ର ନିଷ୍ପତ୍ତି ନେଇଥିଲେ।

# ରେଳଷ୍ଟେଶନ ପରିଦର୍ଶନ କଲେ ଏମ୍‌ପି, ବିଧାୟକ

ଭଦ୍ରକ ଅଫିସ,୧୮।୧୧

ଭଦ୍ରକ ଚରମ୍ପା ରେଳ ଷ୍ଟେଶନର ଉନ୍ନତିକରଣ ନେଇ ବୁଧବାର ଏମ୍‌ପି ମଞ୍ଜୁଲତା ମଣ୍ଡଳ ଓ ବିଧାୟକ ସଞ୍ଜୀବ କୁମାର ମଲ୍ଲିକ କ୍ଷେତ୍ର ପରିଦର୍ଶନ କରିଛନ୍ତି। ପରେ ଏମ୍‌ପି ମଣ୍ଡଳ ଓ ବିଧାୟକ ମଲ୍ଲିକ ଷ୍ଟେଶନ ମ୍ୟାନେଜରଙ୍କ ସଭାଗୃହରେ ଏକ ସମୀକ୍ଷା ବୈଠକରେ ଯୋଗ ଦେଇଥିଲେ। ରେଳ ଷ୍ଟେଶନରେ କୋଭିଡ୍ ପାଇଁ ରହୁ ନ ଥିବା ୫/୬ଟି ଟ୍ରେନ୍ ପୂର୍ବଭଳି ରହଣି ଲାଗି ଦାବି ହୋଇଥିଲା। ନିର୍ମିତ ୧ ନଂ. ପ୍ଲାଟଫର୍ମକୁ କାର୍ଯ୍ୟକ୍ଷମ କରିବା, ଆସନ୍ତା ଦୁଇମାସ ମଧ୍ୟରେ ରେଳ ଷ୍ଟେଶନ ପରିସରରେ ଏଟିଏମ୍ କାଉଣ୍ଟର ଶୁଭାରମ୍ଭ ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରିବାକୁ ଉପସ୍ଥିତ ରେଲୱେ ଅଧିକାରୀଙ୍କୁ ଏମ୍‌ପି ଏବଂ ବିଧାୟକ ନିର୍ଦ୍ଦେଶ ଦେଇଛନ୍ତି। ସମୀକ୍ଷା ବୈଠକରେ ପୂର୍ବତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରେଲୱେର ସିନିୟର ଡିସିଏମ୍ ଗିରିଶ ଚନ୍ଦ୍ର ସାହୁ, ଷ୍ଟେଶନ ମ୍ୟାନେଜର ସୁବାସ ସାହୁ, ଡିଭିଜନାଲ କମିଟି ମେମ୍ବର ଶିଶିର ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଚରମ୍ପା ଷ୍ଟେଶନ ପରିଦର୍ଶନ କରୁଛନ୍ତି ଏମ୍‌ପି ମଞ୍ଜୁଲତା ମଣ୍ଡଳ, ବିଧାୟକ ସଞ୍ଜୀବ ମଲ୍ଲିକ ଓ ଅନ୍ୟମାନେ।

